## ପୁରସ୍କାର :

ରାଜ୍ୟସ୍ତରରେ ପ୍ରତ୍ୟେକ ଶ୍ରେଣୀରୁ ପ୍ରଥମ ୧୦ ଜଣ ମଧ୍ୟରେ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ନିମ୍ନମତେ ପୁରସ୍କାର ପ୍ରଦାନ କରାଯିବ ।

- **୧ମ** ୧୦୦୦ ଟଙ୍କା + ପଦକ + ପ୍ରମାଣ ପତ୍ର
- **୨ୟ** ୭୦୦ ଟଙ୍କା + ପଦକ + ପ୍ରମାଣ ପତ୍ର
- **୩ୟ** ୫୦୦ ଟଙ୍କା + ପଦକ + ପ୍ରମାଣ ପତ୍ର

**୪ ର୍ଥ ରୁ ୧୦ ମ ସ୍ଥାନ ୨୫୦ ଟଙ୍କା + ପଦକ + ପ୍ରମାଣ ପତ୍ର**

ଜୋନ୍ ସ୍ତରରେ ପ୍ରତି ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର କିମ୍ବା ଛାତ୍ରୀଙ୍କୁ ୩୦୦ ଟଙ୍କା ସହିତ ପଦକ ଓ ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ପ୍ରତି ପରୀକ୍ଷା କେନ୍ଦ୍ରରେ ଦ୍ୱିତୀୟରୁ ନବମ ଶ୍ରେଣୀ ମଧ୍ୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର/ ଛାତ୍ରୀଙ୍କୁ କେନ୍ଦ୍ର ଶ୍ରେଷ୍ଠ ରୂପେ ୨୦୦ ଟଙ୍କା ସହିତ ପ୍ରମାଣ ପତ୍ର ଓ ପଦକ ପ୍ରଦାନ କରାଯିବ। ଯଦି ପରୀକ୍ଷା କେନ୍ଦ୍ରରେ ୧୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥାନ୍ତି ତେବେ ଉକ୍ତ କେନ୍ଦ୍ରରେ ଦୁଇଟି କେନ୍ଦ୍ର ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯିବ ଓ ଏବଂ ଶତକଡ଼ା ୭୫ ରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଶିଶୁ ବିକାଶ ପଦକ ଓ ପ୍ରମାଣ ପତ୍ର ପ୍ରଦାନ କରାଯିବା ସହିତ ଶତକଡ଼ା ୫୦ ରୁ ୭୪ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଯୋଗ୍ୟତା ଭିତ୍ତିକ ପ୍ରମାଣ ପତ୍ର ପ୍ରଦାନ କରାଯିବ।

## ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର :

ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷାରେ ସର୍ବାଧିକ ଯୋଗ୍ୟତା ହାସଲ କରିଥିବା ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥାଏ ଏବଂ ଯେଉଁ ପରୀକ୍ଷା କେନ୍ଦ୍ରରେ ୨୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମେଧାବୃତ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିଥିବେ ଉକ୍ତ କେନ୍ଦ୍ରକୁ ମଧ ମାନପତ୍ର ସହ ପୁରସ୍କୃତ କରାଯିବ।

ଶିଶୁ ବିକାଶ କେନ୍ଦ୍ର ତରଫରୁ ମେଧାବୃତ୍ତି ପରୀକ୍ଷା ନିମନ୍ତେ ନିମ୍ନଲିଖିତ ପୁସ୍ତକ ଗୁଡ଼ିକ ପ୍ରକାଶ ପାଇଅଛି ଆଗ୍ରହୀ ବିଦ୍ୟାଳୟ କିମ୍ବା ଛାତ୍ରଛାତ୍ରୀମାନେ କ୍ରୟ ନିମନ୍ତେ ଯୋଗାଯୋଗ କରିପାରିବେ।

| | |
|---|---|
| ଶିଶୁ ବିକାଶ ସାଧାରଣ ଜ୍ଞାନ : | ଟ ୨୦୦.୦୦ |
| ମାନସିକ ଦକ୍ଷତା ବିକାଶ : | ଟ ୨୦୦.୦୦ |
| ଶିଶୁ ବିକାଶ ମେଧାବୃତ୍ତି ନମୁନା ପ୍ରଶ୍ନ : | ଟ ୬୦.୦୦ |
| ମୋ ଶିଶୁ ବିକାଶ ସାଧାରଣ ଜ୍ଞାନ (୨): | ଟ ୬୦.୦୦ |
| ଶିଶୁ ବିକାଶ ସାଧାରଣ ଜ୍ଞାନ (୩) : | ଟ ୬୦.୦୦ |





AWARDS AND REWARDS WORTH ₹1 Lakh


CCWSD

**Centre for Child Welfare & Social Development**

**ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର**

୧୦୪୭/୧୦୪୮, ଶତାବ୍ଦୀ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୦୩

ଦୂରଭାଷ : 0674-2565503

ଦୂରଭାଷ : 7008955950/9938711686

e-mail : director.ccwsd@gmail.com


CCWSD

26 YEARS



## ରାଜ୍ୟସ୍ତରୀୟ ଶିଶୁ ବିକାଶ

# ମେଧାବୃତ୍ତି ପରୀକ୍ଷା

## ୨୦୨୪-୨୫







**ଆବେଦନ ଶୁଳ୍କ : ଟ. ୧୨୦.୦୦**

**ପରୀକ୍ଷା ଦିନାଙ୍କ : ୧୬.୦୨.୨୦୨୫**

**ଆବେଦନ କରିବାର ଶେଷ ଦିନାଙ୍କ : ୦୪.୦୨.୨୦୨୫**

www.ccwsdindia.org

## ଏକ ସଂକ୍ଷିପ୍ତ ପରିଚୟ

ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିକ ଏକ ଅଗ୍ରଣୀ ଅନୁଷ୍ଠାନ । ଏହି ଅନୁଷ୍ଠାନ ୧୯୯୯ ମସିହା ଜୁଲାଇ ୨୭ ତାରିଖରେ ଭାରତୀୟ ସମିତି ପଞ୍ଜିକରଣ ଆଇନ୍ ୧୮୬୦ ଅନୁଯାୟୀ ପଞ୍ଜିକୃତ ହେବା ସହିତ ଭାରତ ସରକାରଙ୍କର ଗୃହ ମନ୍ତ୍ରଣାଳୟରେ ମଧ ପଞ୍ଜିକୃତ ହୋଇଛି । କିନ୍ତୁ ପଞ୍ଜିକୃତ ହେବା ପୂର୍ବରୁ ଅର୍ଥାତ୍ ୧୯୯୮ ରେ କେତେକ ଉଚ୍ଚ ଶିକ୍ଷିତ, ଉତ୍ସର୍ଗୀକୃତ, କାର୍ଯ୍ୟଦକ୍ଷ, ନିଷ୍ଠାବାନ ସ୍ୱେଚ୍ଛାସେବୀ, ଯୁବ ସମାଜସେବୀ ତଥା ଶିକ୍ଷାବିତ୍‌ଙ୍କ ସହୃଦୟ ସହଯୋଗ ଏବଂ ଅଦମ୍ୟ ଉଚ୍ଛାଶକ୍ତି ଯୋଗୁଁ ଏହାର ବୀଜ ବପନ କରାଯାଇଥିଲା । ଯେଉଁ ବୀଜଟି ଆଜି ଗୋଟିଏ ବିରାଟକାୟ ବଟବୃକ୍ଷ ସଦୃଶ ରାଜ୍ୟର ପ୍ରତି କୋଣ ଅନୁକୋଣରେ ଏହାର ଶାଖା ପ୍ରଶାଖା ପ୍ରସାର କରି କାର୍ଯ୍ୟକ୍ରମ ସଂପ୍ରସାରଣ କରିଚାଲିଛି । କାଲିର ନାଗରିକ ତଥା ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରୁଥିବା କୁନି କୁନି ବିଦ୍ୟାର୍ଥୀଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଏହି ଅନୁଷ୍ଠାନ ସଂପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ ।

## ମେଧାବୃତ୍ତି :

ଆଜିର ଏହି ପ୍ରତିଯୋଗିତାପୂର୍ଣ୍ଣ ସମାଜରେ ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇପଡ଼ିଛି । ନିଜର ଉନ୍ନତ ଭବିଷ୍ୟତ ଗଠନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ପ୍ରତିଯୋଗିତା ଦୃଢ଼ତା ଏବଂ ସାହସର ସହ ସାମ୍ନା କରିବା ସହିତ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାପୂର୍ଣ୍ଣ ମନୋଭାବ, ଜଟିଳ ଚିନ୍ତନ, ବିକଶିତ ଦକ୍ଷତାର ବୃଦ୍ଧି ଘଟାଇବା ପାଇଁ ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ମେଧାବୃତ୍ତି ପରୀକ୍ଷାର ଆୟୋଜନ କରିଆସୁଅଛି । ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା ଛାତ୍ରଛାତ୍ରୀମାନଙ୍କର ବିଦ୍ୟାଳୟର ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବାହ୍ୟଜ୍ଞାନ ଯଥା ସାଧାରଣ ଜ୍ଞାନ ଓ ସାଂପ୍ରତିକ ଘଟଣାବଳୀ, ପ୍ରତ୍ୟୁତ୍ପନ୍ନମତିତା, ମାନସିକ ଦକ୍ଷତା ଇତ୍ୟାଦି ବୃଦ୍ଧି ଘଟାଇ ଶିକ୍ଷା କ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ଦିଗ୍ ଦର୍ଶନ ଦେବା ସହ ଉତ୍ସାହିତ କରିଥାଏ । ଏହି ମହତ୍ ଉଦ୍ଦେଶ୍ୟକୁ ସାମ୍ନାରେ ରଖି ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ବିଗତ ୨୦ ବର୍ଷ ଧରି ଦ୍ୱିତୀୟରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରତିବର୍ଷ ମେଧାବୃତ୍ତି ପରୀକ୍ଷାର ଆୟୋଜନ କରି ଆସୁଅଛି । ଏହି ମହତ୍ ପ୍ରୟାସର ସଫଳ ରୂପାୟନ କରିବା ପାଇଁ ସମସ୍ତ ବୁଦ୍ଧିଜୀବୀ, ଶିକ୍ଷାବିତ୍ ତଥା ଅଭିଭାବକମାନଙ୍କର ସହଯୋଗ କାମନା କରୁଅଛୁ ।

## ଆମର ଲକ୍ଷ୍ୟ :

- ଶୈଶବ ଅବସ୍ଥାରୁ ରାଜ୍ୟ ତଥା ଜାତୀୟ ସ୍ତରର ସମସ୍ତ ପ୍ରତିଯୋଗିତାକୁ ସାମ୍ନା କରିବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୃଢ଼ ଆତ୍ମବିଶ୍ୱାସ ସୃଷ୍ଟି କରିବା ।
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ବିଭିନ୍ନ ଗଠନମୂଳକ ଲୁକ୍କାୟିତ ପ୍ରତିଭାର ଉନ୍ମେଷ ଓ ବିକାଶ କରିବା ।
- ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅନ୍ୱେଷଣ କରି ପୁରସ୍କୃତ କରିବା ସହିତ ଉତ୍ସାହିତ କରିବା ।

## ମେଧାବୃତ୍ତି ଆବଶ୍ୟକତା :

- ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶିକ୍ଷା ସମ୍ବନ୍ଧୀୟ ଜ୍ଞାନର ଦୁର୍ବଳତା ବା ସବଳତା ବିଷୟରେ ଅବଗତ କରାଇବା ।
- ରାଜ୍ୟ ସ୍ତରରେ ସେମାନଙ୍କର ସ୍ଥାନ ନିରୂପଣ କରାଇବା ।
- ପ୍ରତି ବର୍ଷ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ଅଗ୍ରଗତିର ତର୍ଜମା କରିବା ।
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବକୁ ସୁଦୃଢ଼ କରିବା ।
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିନ୍ତାଧାରା ଓ ଦୃଢ଼ ମନୋବଳ ଗଠନ କରିବା ।
- ପ୍ରତିଯୋଗିତାପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ।

## ଯୋଗ୍ୟତା :

ଏହା ଏକ ମୁକ୍ତ ପ୍ରତିଯୋଗିତା । ଦ୍ୱିତୀୟରୁ ନବମ ଶ୍ରେଣୀ ମଧ୍ୟରେ ପଢୁଥିବା ସମସ୍ତ ସରକାରୀ ତଥା ବେସରକାରୀ ବିଦ୍ୟାଳୟର ଓଡ଼ିଆ ମାଧ୍ୟମର ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ଅଟନ୍ତି ।

## ଆବେଦନ ପତ୍ର :

ମେଧାବୃତ୍ତି ପରୀକ୍ଷାର ଆବେଦନ ପତ୍ର ନିମ୍ନ ସ୍ଥାନମାନଙ୍କରେ ଉପଲବ୍ଧ ଅଟେ ।

- କେନ୍ଦ୍ରର କାର୍ଯ୍ୟାଳୟ
- ପରୀକ୍ଷା କେନ୍ଦ୍ର କିମ୍ବା ଆମର ସ୍ଥାନୀୟ ପ୍ରତିନିଧି
- କେନ୍ଦ୍ରର ୱେବ୍‌ସାଇଟ୍ (www.ccwsdindia.org)

## ଆବେଦନର ମାଧ୍ୟମ :

ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆବେଦନ ପତ୍ର ଅନ୍‌ଲାଇନ୍ ମାଧ୍ୟମରେ (www.ccwsdindia.org) କିମ୍ବା ନଗଦରାଶି ସହ ପରୀକ୍ଷା କେନ୍ଦ୍ରରେ ଆବେଦନ କରିପାରିବେ ।

## ପ୍ରଶ୍ନପତ୍ର :

ପ୍ରଶ୍ନ ପତ୍ରରେ ବିଦ୍ୟାଳୟର ପାଠ୍ୟକ୍ରମରୁ ଗଣିତରୁ ୨.୫ ନମ୍ବର ସମ୍ବଳିତ ୩୦ ଟି ପ୍ରଶ୍ନ, ଇଂରାଜୀ ବ୍ୟାକରଣ ୨ ନମ୍ବର ସମ୍ବଳିତ ୧୫ ଟି ପ୍ରଶ୍ନ, ବିଜ୍ଞାନରୁ ୨ ନମ୍ବର ସମ୍ବଳିତ ୨୦ ଟି ପ୍ରଶ୍ନ, ସାଧାରଣ ଜ୍ଞାନ ଓ ମାନସିକ ଦକ୍ଷତାରୁ ୨ ନମ୍ବର ସମ୍ବଳିତ ୨୦ ଟି ପ୍ରଶ୍ନ ଓ ଓଡ଼ିଆ ବ୍ୟାକରଣରୁ ୧ ନମ୍ବର ସମ୍ବଳିତ ୧୫ ଟି ପ୍ରଶ୍ନ ଆସିଥାଏ । ଏହିପରି ଛାତ୍ରଛାତ୍ରୀମାନଙ୍କୁ ମୋଟ ୨୦୦ ନମ୍ବର ସମ୍ବଳିତ ୧୦୦ ଟି ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼େ । ଏହାର ପ୍ରଶ୍ନପତ୍ର ଓ ଉତ୍ତର ପତ୍ର ପୃଥକ ଅଟେ । ଉତ୍ତର ପତ୍ରରେ ଉତ୍ତର ବକ୍ସକୁ ଛାତ୍ରଛାତ୍ରୀମାନେ H.B ପେନ୍‌ସିଲ୍/ ବଲ୍ ପେନ୍‌ରେ କଳା ରଙ୍ଗ କରିବେ ।

## ପ୍ରବେଶ ପତ୍ର ଓ ପରୀକ୍ଷା କେନ୍ଦ୍ର :

ପ୍ରବେଶ ପତ୍ର ପରୀକ୍ଷାର ୧୦ ଦିନ ପୂର୍ବରୁ ପରୀକ୍ଷା କେନ୍ଦ୍ର କିମ୍ବା ଆମର କାର୍ଯ୍ୟାଳୟରୁ ସଂଗ୍ରହ କରିପାରିବେ । ଅନଲାଇନ ମାଧ୍ୟମରେ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ । ପରୀକ୍ଷା କେନ୍ଦ୍ର ବିଷୟରେ ସୂଚନା ପାଇଁ ଆମ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ ।

## ପରୀକ୍ଷା ଫଳ :

ପରୀକ୍ଷା ଫଳ ତା ୨୦.୦୫.୨୦୨୫ ରିଖରେ କେନ୍ଦ୍ରର ୱେବ୍‌ସାଇଟ୍ ସହିତ ପରୀକ୍ଷା କେନ୍ଦ୍ରରେ ଉପଲବ୍ଧ ହେବ । କେନ୍ଦ୍ର ଦ୍ୱାରା ଆୟୋଜିତ ତ୍ରୟୋବିଂଶ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ ।

